रजिस्ट्री सं॰ डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

**असाधारण**
**EXTRAORDINARY**
**ଅସାଧାରଣ**

**भाग XIII—अनुभाग I**
**Part XIII—Section I**
**ଭାଗ XIII—ଖଣ୍ଡ I**

**प्राधिकार से प्रकाशित**
**PUBLISHED BY THE AUTHORITY**
**ପ୍ରାଧିକାର ଦ୍ୱାରା ପ୍ରକାଶିତ**

**No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6**

ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6

## MINISTRY OF LAW, JUSTICE AND COMPANY AFFAIRS

**(Legislative Department)**

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ବିଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବିଭାଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ଓ୍ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କେନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ଓ୍ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋରେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ଓ୍ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ଓ୍ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାର ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50) ର ଧାରା 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ଜନ୍ମ, ମୃତ୍ୟୁ ଓ ବିବାହ ରେଜିଷ୍ଟ୍ରୀକରଣ ଅଧିନିୟମ, 1886

( 1886 ର ଅଧିନିୟମ ସଂ 6 )

## କେତେକ ଜନ୍ମ ଓ ମୃତ୍ୟୁର ସେଚ୍ଛାପୂର୍ବକ ରେଜିଷ୍ଟ୍ରୀକରଣ ନିମନ୍ତେ କେତେକ ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟର ରଖିବା ଲାଗି ସାଧାରଣ ରେଜିଷ୍ଟ୍ରୀ କାର୍ଯ୍ୟାଳୟପ୍ରଧାନ ପ୍ରତିଷ୍ଠା କରିବା ନିମନ୍ତେ ଏବଂ କେତେକ ଅନ୍ୟାନ୍ୟ ପ୍ରୟୋଜନ ନିମନ୍ତେ ଉପବନ୍ଧ କରିବା ଲାଗି ଏକ ଅଧିନିୟମ

( 8 ମାର୍ଚ୍ଚ 1886 )

ଯେହେତୁ କେତେକ ଶ୍ରେଣୀର ବ୍ୟକ୍ତିଙ୍କ ମଧ୍ୟରେ ଜନ୍ମ ଓ ମୃତ୍ୟୁର ସେଚ୍ଛାପୂର୍ବକ ରେଜିଷ୍ଟ୍ରୀକରଣ ଲାଗି ସେହି ଜନ୍ମ ଓ ମୃତ୍ୟୁର ତଥା 1872ର ଅଧିନିୟମ ସଂ 3 ବା ଭାରତୀୟ ଖ୍ରୀଷ୍ଟିଆନ ବିବାହ ଅଧିନିୟମ, 1872 ଅଧୀନରେ ରେଜିଷ୍ଟ୍ରୀକୃତ ବିବାହଗୁଡ଼ିକର ଓ ପାର୍ସି ବିବାହ ଓ ବିବାହ ବିଚ୍ଛେଦ ଅଧିନିୟମ, 1865 ଅଧୀନରେ ରେଜିଷ୍ଟ୍ରୀକୃତ କେତେକ ବିବାହର ଅଧିକତର ପ୍ରଭାବୀ ରେଜିଷ୍ଟ୍ରୀକରଣ ନିମନ୍ତେ ଏବଂ ସେହି ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟର ରଖିବା ଲାଗି ସାଧାରଣ ରେଜିଷ୍ଟ୍ରୀ କାର୍ଯ୍ୟାଳୟମାନ ସ୍ଥାପନ କରିବା ନିମନ୍ତେ ଉପବନ୍ଧ କରିବା ସମୀଚୀନ ଅଟେ ;

ଏବଂ ଯେହେତୁ ସେହି ରେଜିଷ୍ଟରମାନ ଯେଉଁ ଦେଶରେ ରହୁଥାଏ ସେହି ଦେଶର ବିନିର୍ଦ୍ଦିଷ୍ଟ ରୂପେ ବିହିତ କୌଣସି କର୍ତ୍ତବ୍ୟର ପାଳନ କ୍ରମରେ ନ ହୋଇ ଅନ୍ୟଥା ପ୍ରସ୍ତୁତ କେତେକ ବିଦ୍ୟମାନ ରେଜିଷ୍ଟରର ପ୍ରମାଣୀକରଣ ଓ ଅଭିରକ୍ଷା ନିମନ୍ତେ ଏବଂ ସେହି ରେଜିଷ୍ଟରଗୁଡ଼ିକରେ ଥିବା ଦରଜଗୁଡ଼ିକର ନକଲମାନ ସାକ୍ଷ୍ୟରେ ଗ୍ରହଣୀୟ ହେବ ବୋଲି ଘୋଷଣା କରିବା ନିମନ୍ତେ ଉପବନ୍ଧ କରିବା ମଧ୍ୟ ସମୀଚୀନ ଅଟେ ;

ତେଣୁ ଏତଦ୍ଵାରା ଏହା ନିମ୍ନମତେ ଅଧିନିୟମିତ ହେଲା—

## ଅଧ୍ୟାୟ I

### ପ୍ରାରମ୍ଭିକ

ସଂକ୍ଷିପ୍ତ ନାମ ଓ ବିସ୍ତାର ।

1. (1) ଏହି ଅଧିନିୟମ ଜନ୍ମ, ମୃତ୍ୟୁ ଓ ବିବାହ ରେଜିଷ୍ଟ୍ରୀକରଣ ଅଧିନିୟମ, 1886 ନାମରେ ଅଭିହିତ ହେବ, ଓ

(2) କେନ୍ଦ୍ର ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ଵାରା ଯେଉଁ ଦିନ ପାଇଁ ନିର୍ଦ୍ଦେଶ ଦିଅନ୍ତି ସେହି ଦିନରେ ଏହା ପ୍ରବୃତ୍ତ ହେବ ।

ବିସ୍ତାର

2. ଯେଉଁ ରାଜ୍ୟକ୍ଷେତ୍ର ସବୁ 1956 ର ନଭେମ୍ବର 1 ତାରିଖର ଅବ୍ୟବହିତ ପୂର୍ବେ ଭାଗ ଖ ରାଜ୍ୟ ଅନ୍ତର୍ଭୁକ୍ତ ଥିଲା ସେହି ରାଜ୍ୟକ୍ଷେତ୍ର ଭିନ୍ନ ଅବଶିଷ୍ଟ ସମଗ୍ର ଭାରତ ପ୍ରତି ଏହି ଅଧିନିୟମଟି ବିସ୍ତାରିତ ଅଟେ ।

ସଂଜ୍ଞା

3. ବିଷୟ ବା ପ୍ରସଙ୍ଗକ୍ରମେ କୌଣସି ବିରୋଧ ନ ଥିଲେ ଏହି ଅଧିନିୟମରେ,

ଯେତେବେଳେ ଚିହ୍ନ ଦେବା ବ୍ୟକ୍ତି ନିଜ ନାମ ଲେଖିବାକୁ ଅସମର୍ଥ ସେତେବେଳେ ଚିହ୍ନ 'ଦସ୍ତଖତ'ର ଅର୍ଥାନ୍ତର୍ଗତ ହେବ ।

'ବିହିତ' କହିଲେ ଏହି ଅଧିନିୟମ ଅଧୀନରେ ପ୍ରଣୀତ ନିୟମ ଦ୍ଵାରା ବିହିତ ହେବାକୁ ବୁଝାଏ, ଏବଂ

'ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାର' କହିଲେ ଏହି ଅଧିନିୟମ ଅଧୀନରେ ନିଯୁକ୍ତ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାରଙ୍କୁ ବୁଝାଏ ।

ସ୍ଥାନୀୟ ବିଧିର ବ୍ୟାବୃତ୍ତି ।

4. ସ୍ଥାନୀୟ ଅଞ୍ଚଳ ବିଶେଷ ମଧ୍ୟରେ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରିକରଣ ଲାଗି ଉପବନ୍ଧ କରି ଏଥିପୂର୍ବେ ବା ଏଥିପରେ ପାରିତ ଯେକୌଣସି ବିଧିକୁ ଏହି ଅଧିନିୟମର ବା ଏହି ଅଧିନିୟମ ଅଧୀନରେ ପ୍ରଣୀତ ଯେକୌଣସି ନିୟମର କୌଣସି ବିଷୟ ପ୍ରଭାବିତ କରିବ ନାହିଁ ।

ବିଭିନ୍ନ ସମୟରେ ପ୍ରୟୋଜ୍ୟ କ୍ଷମତାବଳୀ ।

5. ଏହି ଅଧିନିୟମ ଦ୍ଵାରା ପ୍ରଦତ୍ତ ସବୁ କ୍ଷମତାବଳୀକୁ ଘଟଣାର ଆବଶ୍ୟକତା ଅନୁସାରେ ବିଭିନ୍ନ ସମୟରେ ପ୍ରୟୋଗ କରାଯାଇପାରିବ ।

## ଅଧ୍ୟାୟ II

### ଜନ୍ମ, ମୃତ୍ୟୁ ଓ ବିବାହର ସାଧାରଣ ରେଜିଷ୍ଟ୍ରୀ କାର୍ଯ୍ୟାଳୟମାନ

ସାଧାରଣ ରେଜିଷ୍ଟ୍ରୀ ଅଫିସମାନ ପ୍ରତିଷ୍ଠା ଓ ରେଜିଷ୍ଟ୍ରାର-ଜେନେରଲଙ୍କ ନିଯୁକ୍ତି ।

6. (1) ପ୍ରତ୍ୟେକ ରାଜ୍ୟ ସରକାର —

(କ) ଏହି ଅଧିନିୟମ ଅଧୀନରେ ରେଜିଷ୍ଟ୍ରୀଭୁକ୍ତ ଜନ୍ମ ଓ ମୃତ୍ୟୁ ରେଜିଷ୍ଟରର ବା କେତେକ କ୍ଷେତ୍ରରେ ବିବାହକୁ ଯେକୌଣସି ରୂପ ଦେବା ନିମନ୍ତେ 1872 ର ଅଧିନିୟମ 3 ବା ଭାରତୀୟ ଖ୍ରୀଷ୍ଟିଆନ ବିବାହ ଅଧିନିୟମ, 1872 ଅଧୀନରେ ବା ବମ୍ବେସ୍ଥ ଉଚ୍ଚ ନ୍ୟାୟାଳୟର ମାମୁଲି ମୂଳ ସିଭିଲ ଅଧିକାରିତାର ଆଞ୍ଚଳିକ ସୀମା ବାହାରେ ପାର୍ସୀ ବିବାହ ଓ ବିବାହ ବିଚ୍ଛେଦ ଅଧିନିୟମ, 1865 ଅଧୀନରେ ରେଜିଷ୍ଟ୍ରୀକୃତ ବିବାହର ରେଜିଷ୍ଟରର ପୂର୍ବୋକ୍ତ ଏହି ଅଧିନିୟମ ଦ୍ୱାରା ସଂଶୋଧିତ ହେବାମତେ ପୂର୍ବୋକ୍ତ ତିନି ଅଧିନିୟମ ମଧ୍ୟରେ ଯେକୌଣସି ଅଧିନିୟମ ଅନୁସାରେ ଯେଉଁ ପ୍ରମାଣୀକୃତ ନକଲମାନ ପଠାଯିବ ତାହାକୁ ରଖିବା ଲାଗି ଏକ ସାଧାରଣ ରେଜିଷ୍ଟ୍ରୀ କାର୍ଯ୍ୟାଳୟ ପ୍ରତିଷ୍ଠା କରିବେ, ଏବଂ

(ଖ) ସେହି କାର୍ଯ୍ୟାଳୟର ଭାର ନେବାକୁ ତାହାର ପ୍ରଶାସନ ଅଧୀନ ରାଜ୍ୟକ୍ଷେତ୍ରଗୁଡ଼ିକ ଲାଗି ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲ ନାମଧେୟ ଜଣେ ଅଧିକାରୀଙ୍କୁ ନିଯୁକ୍ତ କରିପାରିବେ ।

ସାଧାରଣ ରେଜେଷ୍ଟ୍ରୀ କାର୍ଯ୍ୟାଳୟରେ ଅନୁକ୍ରମଣିକା ରଖାହେବ ।

7. ପ୍ରତ୍ୟେକ ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲ ଏହି ଅଧିନିୟମ ଅଧୀନରେ କିମ୍ବା ଏହି ଅଧିନିୟମ ଦ୍ୱାରା ସଂଶୋଧିତ ହେବା ପ୍ରକାରେ 1872 ର ଅଧିନିୟମ 3, ଭାରତୀୟ ଖ୍ରୀଷ୍ଟିଆନ ବିବାହ ଅଧିନିୟମ, 1872 ବା ପାର୍ସୀ ବିବାହ ଓ ବିବାହ ବିଚ୍ଛେଦ ଅଧିନିୟମ, 1865 ଅଧୀନରେ ତାହାଙ୍କ କାର୍ଯ୍ୟାଳୟକୁ ପ୍ରେରିତ ରେଜିଷ୍ଟରର ସବୁ ପ୍ରମାଣୀକୃତ ନକଲର ଅନୁକ୍ରମଣିକାକୁ ବିହିତ ରୀତିରେ ତାହାଙ୍କ କାର୍ଯ୍ୟାଳୟରେ ପ୍ରସ୍ତୁତ କରି ରଖାଇବେ ।

ଅନୁକ୍ରମଣିକା-ଗୁଡ଼ିକ ନିରୀକ୍ଷଣାର୍ଥ ମୁକ୍ତ ରହିବ ।

8. ବିହିତ ଫିସ ପ୍ରଦାନ ପ୍ରତି ସାପେକ୍ଷ ହୋଇ ଏଭଳେ ପ୍ରସ୍ତୁତ ଅନୁକ୍ରମଣିକାମାନ ନିରୀକ୍ଷଣ କରିବା ଲାଗି ଦରଖାସ୍ତ କରିବା ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ନିରୀକ୍ଷଣ ହେବା ଲାଗି ସବୁ ଯୁକ୍ତିଯୁକ୍ତ ସମୟ ମଧ୍ୟରେ ମୁକ୍ତ ରହିବ ଏବଂ ଅନୁକ୍ରମଣିକାଗୁଡ଼ିକ ଯେଉଁ ରେଜିଷ୍ଟର ସମ୍ପର୍କିତ ହୋଇଥାଏ ସେଥିର ପ୍ରମାଣୀକୃତ ନକଲରେ ଥିବା ଦରଜର ନକଲମାନ ସେଥିପାଇଁ ଦରଖାସ୍ତ କରୁଥିବା ସବୁ ବ୍ୟକ୍ତିଙ୍କୁ ଦିଆଯିବ ।

ଦରଜର ନକଲମାନ ସାକ୍ଷ୍ୟ ରୂପେ ଗ୍ରାହ୍ୟ ହେବ ।

9. ପୂର୍ବଗାମୀ ସର୍ବଶେଷ ଧାରା ଅଧୀନରେ ଦିଆଯାଇଥିବା ଦରଜର ନକଲ ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲଙ୍କ ଦ୍ୱାରା ବା ରାଜ୍ୟ ସରକାରଙ୍କ ଦ୍ୱାରା ଏତଦୁପଲକ୍ଷେ ପ୍ରାଧିକୃତ ଜଣେ ଅଧିକାରୀଙ୍କ ଦ୍ୱାରା ପ୍ରମାଣୀକୃତ ହେବ ଏବଂ ଦରଜଟି ଯେଉଁ ଜନ୍ମ, ମୃତ୍ୟୁ ବା ବିବାହ ସମ୍ପର୍କିତ ହୋଇଥାଏ ତାହାକୁ ପ୍ରମାଣିତ କରିବା ପ୍ରୟୋଜନରେ ସାକ୍ଷ୍ୟ ରୂପେ ଗ୍ରାହ୍ୟ ହେବ ।

ରେଜିଷ୍ଟ୍ରାର-ଜେନେରଲଙ୍କ ଦ୍ୱାରା ରେଜିଷ୍ଟ୍ରାରର ଅଧୀକ୍ଷଣ ।

10. ପ୍ରତ୍ୟେକ ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲ ସେ ଯେଉଁ ରାଜ୍ୟ କ୍ଷେତ୍ର ଲାଗି ନିଯୁକ୍ତ ହୋଇଥିବେ ସେଠାରେ ଜନ୍ମ ଓ ମୃତ୍ୟୁର ରେଜିଷ୍ଟର ଉପରେ ଏକ ସାଧାରଣ ଅଧୀକ୍ଷଣାଧିକାର ପ୍ରୟୋଗ କରିବେ ।

## ଅଧ୍ୟାୟ III

### ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରୀକରଣ

#### (କ) ଏହି ଅଧିନିୟମର ପ୍ରୟୋଗ

ଯେଉଁ ବ୍ୟକ୍ତି-ମାନଙ୍କର ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରୀ ଯୋଗ୍ୟ ଅଟେ ।

11. (1) ଯେଉଁମାନଙ୍କର ଜନ୍ମ ଓ ମୃତ୍ୟୁ ପ୍ରଥମତଃ ଏହି ଅଧ୍ୟାୟ ଅଧୀନରେ ରେଜିଷ୍ଟ୍ରୀ ଯୋଗ୍ୟ ଅଟେ ସେମାନେ ହେଲେ—

(କ) ଯେଉଁ ରାଜ୍ୟକ୍ଷେତ୍ରଗୁଡ଼ିକ ପ୍ରତି ଏହି ଅଧିନିୟମଟି ବିସ୍ତାରିତ ହୁଏ ସେଠାରେ ଯେଉଁ ମୂଳବଂଶ, ସଂପ୍ରଦାୟ ବା ଜନଜାତି ପ୍ରତି ଭାରତୀୟ ଉତ୍ତରାଧିକାର ଅଧିନିୟମ, 1865 ପ୍ରଯୁଜ୍ୟ ଏବଂ ଯାହା ନେଇ ସେହି ଅଧିନିୟମର ଧାରା 332 ଅଧୀନ ଏକ ଆଦେଶ ତତସମୟ ପ୍ରବୃତ୍ତ ନ ଥାଏ ସେହି ପ୍ରତ୍ୟେକ ମୂଳବଂଶ, ସଂପ୍ରଦାୟ ବା ଜନଜାତିର ଲୋକ ଏବଂ ଖ୍ରୀଷ୍ଟିଆନ ଧର୍ମାବଲମ୍ବୀ ସବୁ ବ୍ୟକ୍ତି ।

(2) କିନ୍ତୁ ରାଜ୍ୟ ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ହୁଏତ ସାଧାରଣ ଭାବରେ ନତୁବା କୌଣସି ସ୍ଥାନୀୟ ଅଞ୍ଚଳ ମଧ୍ୟରେ ଅନ୍ୟ ଯେକୌଣସି ଶ୍ରେଣୀର ବ୍ୟକ୍ତିଙ୍କ ପ୍ରତି ଏହି ଅଧ୍ୟାୟର ପ୍ରୟୋଗକୁ ବିସ୍ତାରିତ କରିପାରିବେ ।

## (ଖ) ରେଜିଷ୍ଟ୍ରୀକରଣ ପ୍ରତିଷ୍ଠାନ

*ରାଜ୍ୟକ୍ଷେତ୍ର ପାଇଁ ରେଜିଷ୍ଟ୍ରାର ନିଯୁକ୍ତ କରିବା ଲାଗି ରାଜ୍ୟ ସରକାରଙ୍କ ପାଇଁ କ୍ଷମତା ।*

12. ରାଜ୍ୟ ସରକାର ନିଜେ ଯେପରି ସଂଜ୍ଞାକୃତ କରିପାରନ୍ତି ନିଜର ପ୍ରଶାସନ ଅଧୀନ ରାଜ୍ୟକ୍ଷେତ୍ର ମଧ୍ୟସ୍ଥ ସେପରି ସ୍ଥାନୀୟ ଅଞ୍ଚଳମାନଙ୍କଲାଗି ଏବଂ ନିଜେ ଉପଯୁକ୍ତ ଦେଖିଲେ ସେହି ରାଜ୍ୟକ୍ଷେତ୍ରର ଯେକୌଣସି ଭାଗ ମଧ୍ୟରେ ଯେକୌଣସି ଶ୍ରେଣୀର ବ୍ୟକ୍ତିମାନଙ୍କ ଲାଗି ନିଜେ ଯେପରି ଆବଶ୍ୟକ ବୋଲି ଭାବନ୍ତି ତେତେ ସଂଖ୍ୟକ ବ୍ୟକ୍ତିଙ୍କୁ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାର ବୋଲି ହୁଏତ ନାମ ଦେଇ ନତୁବା ତାହାଙ୍କର ପଦ ବଳରେ ନିଯୁକ୍ତ କରିପାରିବେ ।

13. * * * *

*ରେଜିଷ୍ଟ୍ରାର ଲୋକ ସେବକ ବିବେଚିତ ହେବେ ।*

14. ପ୍ରତ୍ୟେକ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାର ଭାରତୀୟ ଦଣ୍ଡ ସଂହିତାର ମର୍ମାନୁସାରେ ଜଣେ ଲୋକ ସେବକ ବୋଲି ବିବେଚିତ ହେବେ ।

15. * * * *

*ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଓ ଉପସ୍ଥିତି ।*

16. (1) ପ୍ରତ୍ୟେକ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାରଙ୍କର ସେହି ସ୍ଥାନୀୟ ଅଞ୍ଚଳ ମଧ୍ୟରେ ବା ସେ ଯେଉଁ ରାଜ୍ୟକ୍ଷେତ୍ର ବା ଅଧିକ୍ଷେତ୍ରର ଅଂଶ ଲାଗି ନିଯୁକ୍ତ ତନ୍ମଧ୍ୟରେ ଏକ କାର୍ଯ୍ୟାଳୟ ରହିବ ।

(2) ଯେଉଁ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାରଙ୍କ ପ୍ରତି ଏହି ଉପଧାରା ପ୍ରଯୁଜ୍ୟ ହେବ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇ ପାରନ୍ତି ସେ ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲ ଯେପରି ନିର୍ଦ୍ଦେଶ ଦେଇ ପାରନ୍ତି ସେହି ଦିବସମାନରେ ତଥା ସେହି ବେଳରେ ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରୀ କରିବା ପ୍ରୟୋଜନରେ ତାଙ୍କର କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ଏବଂ ତାହାଙ୍କ କାର୍ଯ୍ୟାଳୟ ବାହାର ଦ୍ୱାରରେ ବା ତାହା ନିକଟରେ କୌଣସି ସହଜ ଦୃଶ୍ୟ ସ୍ଥାନରେ ତାହାଙ୍କର ନାମ ସହ ସେ ଯେଉଁ ସ୍ଥାନୀୟ ଅଞ୍ଚଳ ବା ଶ୍ରେଣୀ ଲାଗି ନିଯୁକ୍ତ ତାହାର ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାର ବୋଲି ଏବଂ ତାହାଙ୍କ ଉପସ୍ଥିତି ଦିବସମାନ ଓ ବେଳ ସୂଚିତ କରାଇବେ ।

*ରେଜିଷ୍ଟ୍ରାରଙ୍କ ଅନୁପସ୍ଥିତି ବା ଏହାଙ୍କ ପଦର ଖାଲି ସ୍ଥାନ ।*

17. (1) ଯେଉଁ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାରଙ୍କ ପ୍ରତି ଏହି ଧାରା ପ୍ରଯୁଜ୍ୟ ହେବ ବୋଲି ରାଜ୍ୟ ସରକାର ନିର୍ଦ୍ଦେଶ ଦେଇ ପାରନ୍ତି ଯେ କି କଲିକତା, ମାନ୍ଦ୍ରାଜ ବା ବମ୍ବେ ସହରର କୌଣସି ସ୍ଥାନୀୟ ଅଞ୍ଚଳ ଲାଗି ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାର ହୋଇ ନ ଥିବେ ସେ ଯେତେବେଳେ ଅନୁପସ୍ଥିତ ଥାଆନ୍ତି ବା ଯେତେବେଳେ ତାଙ୍କ ପଦ ସାମୟିକଭାବେ ଖାଲି ରହେ ସେତେବେଳେ ଯେଉଁ ବ୍ୟକ୍ତିଙ୍କୁ ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲ ଏତଦୁପଲକ୍ଷେ ନିଯୁକ୍ତ କରନ୍ତି ସେ କିମ୍ବା ଏପରି ନିଯୁକ୍ତି ଅଭାବରେ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ଯେଉଁ ଜିଲ୍ଲା ନ୍ୟାୟାଳୟ ନ୍ୟାୟାଧୀଶଙ୍କର ଅଧିକାରିତା କ୍ଷେତ୍ରାଧିକାର ସ୍ଥାନୀୟ ସୀମା ମଧ୍ୟରେ ଅବସ୍ଥିତ ସେହି ନ୍ୟାୟାଧୀଶ ବା ରାଜ୍ୟ ସରକାର ଯେଉଁ ଅଧିକାରୀଙ୍କୁ ଏତଦୁପଲକ୍ଷେ ନିଯୁକ୍ତ କରନ୍ତି ସେ ସେହି ଅନୁପସ୍ଥିତି ମଧ୍ୟରେ ବା ସେହି ଖାଲି ସ୍ଥାନକୁ ରାଜ୍ୟ ସରକାର ପୂରଣ କରିବା ପର୍ଯ୍ୟନ୍ତ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାର ହେବେ ।

(2) ଯେତେବେଳେ କଲିକତା, ମାନ୍ଦ୍ରାଜ ବା ବମ୍ବେ ସହରର କୌଣସି ସ୍ଥାନୀୟ ଅଞ୍ଚଳର କୌଣସି ଜନ୍ମ ଓ ମୃତ୍ୟୁର କୌଣସି ରେଜିଷ୍ଟ୍ରାର ଅନୁପସ୍ଥିତ ଥାଆନ୍ତି ବା ଯେତେବେଳେ ତାଙ୍କ ପଦ ସାମୟିକଭାବେ ଖାଲି ଥାଏ ସେତେବେଳେ ଯେଉଁ ବ୍ୟକ୍ତିଙ୍କୁ ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲ ଏତଦୁପଲକ୍ଷେ ନିଯୁକ୍ତ କରନ୍ତି ସେ ସେହି ଅନୁପସ୍ଥିତି ମଧ୍ୟରେ ବା ସେହି ଖାଲି ସ୍ଥାନକୁ ରାଜ୍ୟ ସରକାର ପୂରଣ କରିବା ପର୍ଯ୍ୟନ୍ତ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାର ହେବେ ।

(3) ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲ ଏହି ଧାରା ଅଧୀନରେ ତାଙ୍କଦ୍ୱାରା କରାଯାଇଥିବା ସବୁ ନିଯୁକ୍ତିକୁ ରାଜ୍ୟ ସରକାରଙ୍କୁ ଜଣାଇବେ ।

*ରେଜିଷ୍ଟର ବହି ଯୋଗାଯିବ ଓ ଅଭିଲେଖାବଳୀର ପରିରକ୍ଷଣ ଲାଗି ବ୍ୟବସ୍ଥା ହେବ ।*

18. ରାଜ୍ୟ ସରକାର ପ୍ରତ୍ୟେକ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାରଙ୍କୁ ଯଥେଷ୍ଟ ସଂଖ୍ୟକ ଜନ୍ମ ରେଜିଷ୍ଟର ବହି ଓ ମୃତ୍ୟୁ ରେଜିଷ୍ଟର ବହି ଯୋଗାଇବେ ଏବଂ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରୀକରଣ ସଂକ୍ରାନ୍ତ ଅଭିଲେଖାବଳୀର ପରିରକ୍ଷଣ ଲାଗି ଉପଯୁକ୍ତ ବ୍ୟବସ୍ଥା କରିବେ ।

## (ଗ) ରେଜିଷ୍ଟ୍ରୀକରଣର ଢଙ୍ଗ

ଯେଉଁ ଜନ୍ମ ଓ ମୃତ୍ୟୁର ସୂଚନା ଦିଆଯାଏ ତାହାକୁ ରେଜିଷ୍ଟ୍ରୀକରଣ କରିବାକୁ ରେଜିଷ୍ଟ୍ରାରଙ୍କ ଦାୟିତ୍ୱ ।

19. ଜନ୍ମ ଓ ମୃତ୍ୟୁର ପ୍ରତ୍ୟେକ ରେଜିଷ୍ଟ୍ରାର ଯେଉଁ ସ୍ଥାନୀୟ ଅଞ୍ଚଳ ବା ଶ୍ରେଣୀ ପାଇଁ ସେ ନିଯୁକ୍ତ ଅଟନ୍ତି ସେଥି ମଧ୍ୟରେ ବା ସେମାନଙ୍କ ମଧ୍ୟରେ ଜନ୍ମ ବା ମୃତ୍ୟୁର ସୂଚନା ପାଇଲେ, ଯଦି ସେହି ସୂଚନାଟି ବିହିତ ସମୟ ମଧ୍ୟରେ ତଥା ବିହିତ ଢଙ୍ଗରେ ଏହି ଅଧିନିୟମ ଅଧୀନରେ ପ୍ରାଧିକୃତ ଜଣେ ବ୍ୟକ୍ତିଙ୍କଦ୍ୱାରା ଦିଆଯାଇଥିବ ତାହାହେଲେ ସମୁଚିତ ରେଜିଷ୍ଟର ବହିରେ ଜନ୍ମ ବା ମୃତ୍ୟୁର ଦରଜ ତୁରନ୍ତ କରାଇବେ:

ପରନ୍ତୁ—

(କ) ଯଦି ସେହି ସୂଚନାଟି କୌଣସି ପ୍ରକାରେ ମିଛ ବୋଲି ତାଙ୍କର ବିଶ୍ୱାସ କରିବାର କାରଣ ଥାଏ ତେବେ ସେହି ଦରଜ କରିବାକୁ ତାଙ୍କୁ ନିର୍ଦ୍ଦେଶିତ କରି ତଥା ଦରଜଟି କି ରୀତିରେ କରାଯିବ ତାହା ବିହିତ କରି ଜିଲ୍ଲା ନ୍ୟାୟାଳର ନ୍ୟାୟାଧୀଶଙ୍କ ଠାରୁ ଏକ ଆଦେଶ ସେ ନ ପାଇବା ଯାଏଁ ସେହି ଜନ୍ମ ବା ମୃତ୍ୟୁକୁ ରେଜିଷ୍ଟ୍ରୀକରଣ କରିବାକୁ ସେ ମନା କରିପାରିବେ, ଓ

(ଖ) ମାତାଙ୍କର ଏବଂ ଶିଶୁର ପିତା ବୋଲି ନିଜେ ସ୍ୱୀକାର କରୁଥିବା ବ୍ୟକ୍ତିଙ୍କର ଅନୁରୋଧ କ୍ରମେ ନ ହୋଇ ଅନ୍ୟଥା ଜଣେ ଅବୈଧ ଶିଶୁର ପିତା ଭବେ କୌଣସି ବ୍ୟକ୍ତିଙ୍କର ନାମକୁ ସେ ରେଜିଷ୍ଟରରେ ଦରଜ କରାଇବେ ନାହିଁ ।

ଜନ୍ମର ସୂଚନା ଦେବାକୁ ପ୍ରାଧିକୃତ ବ୍ୟକ୍ତି ।

20. ନିମ୍ନଲିଖିତ ବ୍ୟକ୍ତିଙ୍କ ମଧ୍ୟରୁ ଯେକୌଣସି ବ୍ୟକ୍ତି ଜନ୍ମର ସୂଚନା ଦେଇ ପାରିବେ, ଯଥା:—

(କ) ଶିଶୁର ପିତା ବା ମାତା,

(ଖ) ଜନ୍ମବେଳେ ଉପସ୍ଥିତ ଯେକୌଣସି ବ୍ୟକ୍ତି,

(ଗ) ଶିଶୁଟି ଯେଉଁ ଘରେ ଜାତ ହେଲା ଜନ୍ମବେଳକୁ ସେହି ଘରର ଯେକୌଣସି ଅଂଶରେ ଅଧିଭୋଗ କରୁଥିବା ଏବଂ ସେହି ଘରେ ଶିଶୁଟି ଜନ୍ମ ଲଭ କରିଛି ବୋଲି ଜାଣିଥିବା ଯେକୌଣସି ବ୍ୟକ୍ତି,

(ଘ) ଜନ୍ମ ପରେ ପରିଚର୍ଯ୍ୟା କରିଥିବା ଏବଂ ଜନ୍ମ ଘଟିଥିବାର ବ୍ୟକ୍ତିଗତ ଜ୍ଞାନ ଥିବା ଯେକୌଣସି ଚିକିତ୍ସାଜୀବୀ,

(ଙ) ଶିଶୁର ଭରପ୍ରାପ୍ତ ଯେକୌଣସି ବ୍ୟକ୍ତି ।

ମୃତ୍ୟୁର ସୂଚନା ଦେବାକୁ ପ୍ରାଧିକୃତ ବ୍ୟକ୍ତି ।

21. ନିମ୍ନଲିଖିତ ବ୍ୟକ୍ତିଙ୍କ ମଧ୍ୟରୁ ଯେକୌଣସି ବ୍ୟକ୍ତି ମୃତ୍ୟୁର ସୂଚନା ଦେଇ ପାରିବେ ;ଯଥା ;—

(କ) ମୃତ୍ୟୁ ସଂକ୍ରାନ୍ତରେ ରେଜିଷ୍ଟ୍ରୀକରଣ ହେବା ଲାଗି ଆବଶ୍ୟକ ଯେକୌଣସି ବିବରଣ ଜାଣିଥିବା ମୃତ ବ୍ୟକ୍ତିର ଯେକୌଣସି ସମ୍ପର୍କୀୟ,

(ଖ) ମୃତ୍ୟୁବେଳେ ଉପସ୍ଥିତ ଯେକୌଣସି ବ୍ୟକ୍ତି,

(ଗ) ମୃତ୍ୟୁ ଯେଉଁ ଘରେ ଘଟିଲା ମୃତ୍ୟୁ ବେଳକୁ ସେହି ଘରର ଯେକୌଣସି ଅଂଶରେ ଅଧିଭୋଗ କରୁଥିବା ଏବଂ ସେହି ଘରେ ମୃତ ବ୍ୟକ୍ତି ମୃତ ହୋଇଛନ୍ତି ବୋଲି ଜାଣିଥିବା ଯେକୌଣସି ବ୍ୟକ୍ତି,

(ଘ) ମୃତ ବ୍ୟକ୍ତିଙ୍କ ଅନ୍ତିମ ଅସୁସ୍ଥତାବେଳେ ପରିଚର୍ଯ୍ୟାରତ ଯେକୌଣସି ବ୍ୟକ୍ତି,

(ଙ) ମୃତ୍ୟୁ ପରେ ମୃତ ବ୍ୟକ୍ତିଙ୍କ ଶରୀର ଦେଖିଥିବା ଯେକୌଣସି ବ୍ୟକ୍ତି ।

ଜନ୍ମ ଓ ମୃତ୍ୟୁର ଦରଜ ସୂଚନା ଦେବା ବ୍ୟକ୍ତିଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ।

22. (1) ଯେତେବେଳେ କୌଣସି ଜନ୍ମ ବା ମୃତ୍ୟୁର ଦରଜ ଧାରା 19 ଅଧୀନରେ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାରଙ୍କ କର୍ତ୍ତୃକ କରାଯାଇଥାଏ ସେତେବେଳେ ଜନ୍ମ ବା ମୃତ୍ୟୁର ସୂଚନା ଦେବା ବ୍ୟକ୍ତିଙ୍କୁ ରେଜିଷ୍ଟ୍ରାରଙ୍କ ସମକ୍ଷରେ ରେଜିଷ୍ଟରରେ ସେହି ଦରଜ ସ୍ୱାକ୍ଷରିତ କରିବାକୁ ପଡ଼ିବ :

ପରନ୍ତୁ ଯଦି ସୂଚନା ଦେବା ବ୍ୟକ୍ତି ସେହି ସୂଚନା ଲିଖିତାକାରରେ ଦେଇଥାନ୍ତି ଏବଂ ରେଜିଷ୍ଟ୍ରାରଙ୍କ ହୃଦ୍‌ବୋଧ ହେବାଭଳି ଏହି ଉପଲକ୍ଷେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ କୌଣସି ନିୟମାବଳୀରେ ଯେପରି ଆବଶ୍ୟକ ହୁଏ ତାହାଙ୍କର ଚିହ୍ନଟ ଲାଗି ସେପରି ସାକ୍ଷ୍ୟ ଯୋଗାଇଥାନ୍ତି ତେବେ ସେ ରେଜିଷ୍ଟ୍ରାରଙ୍କ ସମକ୍ଷରେ ଉପସ୍ଥିତ ହେବା ବା ରେଜିଷ୍ଟରରେ ଦରଜରେ ସ୍ୱାକ୍ଷର ଦେବା ଆବଶ୍ୟକ ହେବନାହିଁ ।

(2) ଦରଜଟି ଏ ରୂପେ ସ୍ୱାକ୍ଷରିତ ହେବା ନତୁବା ଉପଧାରା (1) ର ପରନ୍ତୁକରେ ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ ହେବା ଯାଏ ଏହି ଅଧିନିୟମ ଅଧୀନରେ ଜନ୍ମ ବା ମୃତ୍ୟୁଟି ରେଜିଷ୍ଟ୍ରୀକୃତ ହୋଇଛି ବୋଲି ବିବେଚିତ ହେବନାହିଁ ।

(3) ଯେବେ କୌଣସି ଅବୈଧ ଶିଶୁର ଜନ୍ମର ରେଜିଷ୍ଟ୍ରୀକରଣ ହୁଏ ଏବଂ ମାତା ଓ ସେହି ଶିଶୁର ପିତା ବୋଲି ନିଜକୁ ସ୍ୱୀକାର କରୁଥିବା ବ୍ୟକ୍ତି ଏକତ୍ର ଅନୁରୋଧ କରନ୍ତି ଯେ ସେହି ବ୍ୟକ୍ତିଙ୍କୁ ପିତା ବୋଲି ରେଜିଷ୍ଟ୍ରୀକରଣ କରାଯାଇପାରେ ତେବେ ରେଜିଷ୍ଟ୍ରାରଙ୍କ ସମକ୍ଷରେ ମାତା ଓ ସେହି ବ୍ୟକ୍ତି ଉଭୟଙ୍କୁ ରେଜିଷ୍ଟରର ଦରଜକୁ ସ୍ୱାକ୍ଷରିତ କରିବାକୁ ପଡ଼ିବ ।

ଜନ୍ମ ବା ମୃତ୍ୟୁର ରେଜିଷ୍ଟ୍ରୀକରଣ ପ୍ରମାଣପତ୍ର ପ୍ରଦାନ ।

23. ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାର କୌଣସି ଜନ୍ମ ବା ମୃତ୍ୟୁର ସୂଚନା ଦେବା ବ୍ୟକ୍ତିଙ୍କ ଦ୍ୱାରା ଜନ୍ମ ବା ମୃତ୍ୟୁର ରେଜିଷ୍ଟ୍ରୀକରଣ ସମୟରେ ଦିଆଯିବା ଦରଖାସ୍ତ ଉପରେ ତଥା ବିହିତ ଫିସ୍ ତାଙ୍କ ଦ୍ୱାରା ଦିଆଯିବା ପରେ ସେହି ଜନ୍ମ ବା ମୃତ୍ୟୁ ରେଜିଷ୍ଟ୍ରୀକରଣ କରିଥିବା ନେଇ ରେଜିଷ୍ଟାରଙ୍କ ଦ୍ୱାରା ସ୍ୱାକ୍ଷରିତ ବିହିତ ଫର୍ମରେ ଏକ ପ୍ରମାଣପତ୍ର ଦରଖାସ୍ତକାରୀଙ୍କୁ ଦେବେ ।

ରେଜିଷ୍ଟ୍ରାର ଜେନେରାଲଙ୍କୁ ରେଜିଷ୍ଟର ବହିର ଦରଜଗୁଡ଼ିକର ପ୍ରମାଣୀକୃତ ପ୍ରତିଲିପି ପଠାଇବା ରେଜିଷ୍ଟ୍ରାର-ମାନଙ୍କ କର୍ତ୍ତବ୍ୟ ।

24. ଏହି ଅଧିନିୟମଟି ଯେଉଁ ରାଜ୍ୟ କ୍ଷେତ୍ରମାନଙ୍କ ପ୍ରତି ବିସ୍ତାରିତ ସେଠାର ପ୍ରତ୍ୟେକ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାର ସେ ଯେଉଁ ସ୍ଥାନୀୟ ଅଞ୍ଚଳ ବା ଶ୍ରେଣୀପାଇଁ ନିଯୁକ୍ତ ହୋଇଥିବେ ଯେଉଁ ରାଜ୍ୟକ୍ଷେତ୍ର ମଧ୍ୟରେ ସେହି ଅଞ୍ଚଳ ବା ଶ୍ରେଣୀ ଅବସ୍ଥିତ ବା ଯେଉଁଠାରେ ସେ ନିବାସ କରନ୍ତି ତାହାର ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲଙ୍କ ନିକଟକୁ ବିହିତ ବ୍ୟବଧାନରେ ବିଗତ ସର୍ବଶେଷ ବ୍ୟବଧାନ ଠାରୁ ସେହି ବ୍ୟବଧାନ ପର୍ଯ୍ୟନ୍ତ ତାଙ୍କ ଦ୍ୱାରା ରକ୍ଷିତ ରେଜିଷ୍ଟର ବହିରେ ହୋଇଥିବା ଜନ୍ମ ଓ ମୃତ୍ୟୁର ସମସ୍ତ ଦରଜଗୁଡ଼ିକର ତାଙ୍କ ଦ୍ୱାରା ପ୍ରମାଣୀକୃତ ଏକ ଅବିକଳ ପ୍ରତିଲିପି ପଠାଇବେ :

ପରନ୍ତୁ ଯେଉଁ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାରମାନେ ଇଂଲଣ୍ଡ, ରୋମ୍ ଓ ସ୍କଟଲାଣ୍ଡର ଗିର୍ଜାର ଧର୍ମଯାଜକ ଅଟନ୍ତି ସେମାନଙ୍କ କ୍ଷେତ୍ରରେ ରେଜିଷ୍ଟ୍ରାର ଯଦି ତାହାଙ୍କ ଦ୍ୱାରା ଏପରି ନିର୍ଦ୍ଦେଶିତ ହୁଅନ୍ତି ତେବେ ସେହି ପ୍ରମାଣୀକୃତ ପ୍ରତିଲିପି-ଗୁଡ଼ିକ ପ୍ରଥମେ ସେହି ବରିଷ୍ଠଙ୍କଠାକୁ ପଠାଇବେ ଯେ କି ତାହାକୁ ସମୁଚିତ ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲଙ୍କ ପାଖକୁ ପଠାଇବେ ।

ଏହି ଧାରାରେ "ଇଂଲଣ୍ଡର ଗିର୍ଜା", "ସ୍କଟଲାଣ୍ଡର ଗିର୍ଜା" ଅର୍ଥ ଯଥାକ୍ରମେ ବିଧିଦ୍ୱାରା ପ୍ରତିଷ୍ଠିତ ହୋଇଥିବା ପ୍ରକାରେ ଇଂଲଣ୍ଡର ଗିର୍ଜା ଓ ସ୍କଟଲାଣ୍ଡର ଗିର୍ଜା । 'ରୋମର ଗିର୍ଜା' ର ଅର୍ଥ ଯେଉଁ ଗିର୍ଜା ରୋମର ପୋପଙ୍କୁ ତାହାର ଆଧ୍ୟାତ୍ମିକ ମୁଖ୍ୟରୂପେ ସମ୍ମାନ ଦିଏ ।

ରେଜିଷ୍ଟର ବହିରେ ଦରଜର ତଲାସ ଓ ପ୍ରତିଲିପି ।

25. (1) ଜନ୍ମ ଓ ମୃତ୍ୟୁର ପ୍ରତ୍ୟେକ ରେଜିଷ୍ଟ୍ରର ବିହିତ ଫିସ୍ ପ୍ରଦାନ କରାଗଲେ ସବୁ ଯୁକ୍ତିଯୁକ୍ତ ସମୟରେ ସେ ରଖିଥିବା ରେଜିଷ୍ଟରର ତଲ୍ଲାସପାଇଁ ଅନୁମତି ଦେବେ ଏବଂ ସେଥିରେ ଥିବା କୌଣସି ଦରକାର ଏକ ପ୍ରତିଲିପି ଦେବେ ।

(2) ଏହି ଧାରା ଅଧୀନରେ ପ୍ରଦତ୍ତ ରେଜିଷ୍ଟର ବହିର ଯେକୌଣସି ଦରଜର ପ୍ରତ୍ୟେକ ପ୍ରତିଲିପି ଜନ୍ମ, ମୃତ୍ୟୁର ରେଜିଷ୍ଟ୍ରାରଙ୍କ ଦ୍ୱାରା ପ୍ରମାଣୀକୃତ ହେବ ଏବଂ ଦରଜଟି ଯେଉଁ ଜନ୍ମ ବା ମୃତ୍ୟୁ ସମ୍ପର୍କିତ ଅଟେ ତାହାକୁ ପ୍ରମାଣିତ କରିବା ପ୍ରୟୋଜନରେ ସାକ୍ଷ୍ୟରେ ଗ୍ରାହ୍ୟ ହେବ ।

କେତେକ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରୀକରଣ ପାଇଁ ଅସାଧାରଣ ଉପବନ୍ଧ ।

26. ଧାରା 19 ରେ ଯାହା କିଛି ଥିବା ସତ୍ତ୍ୱେ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାରମାନେ ଯେଉଁ ସ୍ଥାନୀୟ ଅଞ୍ଚଳ ବା ଶ୍ରେଣୀମାନଙ୍କ ଲାଗି ନିଯୁକ୍ତ ହୋଇଥିବେ ତାହାର ବାହାରେ ଘଟିବା ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରୀକରଣ କରିବା ଲାଗି ସେମାନଙ୍କୁ ପ୍ରାଧିକୃତ କରି ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରିପାରିବେ ଏବଂ କେଉଁ ସର୍ତ୍ତରେ ତଥା କେଉଁ ପରିସ୍ଥିତିରେ ଏପରି କରାଯିବ ତାହା ସେହି ନିୟମାବଳୀରେ ବିନିର୍ଦ୍ଦିଷ୍ଟ କରିପାରିବେ ।

## (ଘ) ମିଥ୍ୟା ସୂଚନା ପାଇଁ ଶାସ୍ତି

ସ୍ୱେଚ୍ଛାକୃତଭାବେ ମିଥ୍ୟା ସୂଚନା ଦେବା ଲାଗି ଶାସ୍ତି ।

27. ଯଦି କୌଣସି ବ୍ୟକ୍ତି ଜନ୍ମ ବା ମୃତ୍ୟୁର କୌଣସି ରେଜିଷ୍ଟରରେ ଅନ୍ତଃସ୍ଥାପିତ କରାଇବା ପ୍ରୟୋଜନରେ ଏହି ଅଧିନିୟମ ଅଧୀନରେ କୌଣସି ଜନ୍ମ ବା ମୃତ୍ୟୁର କୌଣସି ସୂଚନା ସଂକ୍ରାନ୍ତରେ କୌଣସି ମିଥ୍ୟା ବିବୃତି ଦିଅନ୍ତି ବା ଦିଆନ୍ତି ତାହାହେଲେ ସେ ତିନି ବର୍ଷ ପର୍ଯ୍ୟନ୍ତ ବ୍ୟାପ୍ୟ କାଳାବଧି ଲାଗି କାରାବାସରେ ନତୁବା ଜୋରିମାନାରେ ନତୁବା ଉଭୟରେ ଦଣ୍ଡିତ ହେବେ ।

## (ଙ) ଭ୍ରମ ସଂଶୋଧନ

ଜନ୍ମ ବା ମୃତ୍ୟୁର ରେଜିଷ୍ଟରରେ ଦରଜର ସଂଶୋଧନ ।

28. (1) ଯଦି ଜନ୍ମ ଓ ମୃତ୍ୟର ରେଜିଷ୍ଟ୍ରାରଙ୍କ ସନ୍ତୋଷ ହେବା ଭଳି ପ୍ରମାଣିତ କରାଯାଏ ଯେ ଏହି ଅଧିନିୟମ ଅଧୀନରେ ତାଙ୍କ ଦ୍ୱାରା ରକ୍ଷିତ କୌଣସି ରେଜିଷ୍ଟରରେ ଜନ୍ମ ବା ମୃତ୍ୟୁର କୌଣସି ଦରଜ ରୂପତଃ ବା ସାରତଃ ଭ୍ରାନ୍ତ ଅଟେ ତାହାହେଲେ ସେ ଯେଉଁ ସର୍ତ୍ତ ଅନୁସାରେ ଓ ପରିସ୍ଥିତିରେ ଭ୍ରମ ସଂଶୋଧନ କରାଯାଇପାରେ ସେଥି ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ଦ୍ୱାରା ଯେପରି ନିୟମାବଳୀ ପ୍ରଣୀତ ହୋଇ ପାରେ ତାହାର ସାପେକ୍ଷ ହୋଇ ମୂଳ ଦରଜରେ କୌଣସି ପରିବର୍ତ୍ତନ ନକରି ପୃଷ୍ଠାପାର୍ଶ୍ୱରେ ଦରଜ କରି ସେହି ଭ୍ରମକୁ ସଂଶୋଧନ କରି ପାରିବେ ଏବଂ ପୃଷ୍ଠାପାର୍ଶ୍ୱ ଦରଜ ସ୍ୱାକ୍ଷର କରିବେ ଏବଂ ତହିଁରେ ସଂଶୋଧନର ତାରିଖ ଯୋଗ କରିବେ ।

(2) ଯଦି ସେହି ଦରଜର ଏକ ପ୍ରମାଣୀକୃତ ପ୍ରତିଲିପି ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରଲଙ୍କ ନିକଟକୁ ପଠାଯାଇ ସାରିଥାଏ, ତାହାହେଲେ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାର ମୂଳ ଭ୍ରାନ୍ତ ଦରଜର ତଥା ତହିଁରେ କୃତ ପୃଷ୍ଠାପାର୍ଶ୍ୱ ସଂଶୋଧନର ଏକ ସ୍ୱତନ୍ତ୍ର ପ୍ରମାଣୀକୃତ ପ୍ରତିଲିପି ପ୍ରସ୍ତୁତକରି ପଠାଇବେ ।

## ଅଧ୍ୟାୟ IV

### ବିବାହ ଅଧିନିୟମମାନର ସଂଶୋଧନ

ନିରସିତ

## ଅଧ୍ୟାୟ V

### କେତେକ ବିଦ୍ୟମାନ ରେଜିଷ୍ଟରର ସମ୍ପର୍କରେ ବିଶେଷ ଉପବନ୍ଧମାନ

ରେଜିଷ୍ଟ୍ରାର ଜେନେରଲଙ୍କ ନିକଟସ୍ଥ ଏକ ବର୍ଷ ମଧ୍ୟରେ କେତେକ ଅଭିଲେଖ ପଠାଇବା ଲାଗି ତାହାର ଅଭିରକ୍ଷାରେ ଥିବା ବ୍ୟକ୍ତିଙ୍କୁ ଅନୁମତି ।

32. ଯେଉଁ ରାଜ୍ୟ କ୍ଷେତ୍ରମାନଙ୍କ ପ୍ରତି ଏହି ଅଧିନିୟମଟି ବିସ୍ତାରିତ ଅଟେ ସେଠାରେ କୌଣସି ବ୍ୟକ୍ତି, ଯଦି ଧାରା 11, ଉପଧାରା (1) ରେ ନିର୍ଦ୍ଦେଶିତ ଶ୍ରେଣୀଗୁଡ଼ିକର ଯେକୌଣସି ବ୍ୟକ୍ତିଙ୍କ ଜନ୍ମ, ଜଳ ସଂସ୍କାର, ନାମକରଣ, ଉତ୍ସର୍ଗ, ମୃତ୍ୟୁ ବା ସମାଧିର କୌଣସି ରେଜିଷ୍ଟର ବା ଅଭିଲେଖର ଅଥବା ଯେଉଁ ଶ୍ରେଣୀଗୁଡ଼ିକ ପ୍ରତି 1872 ର ଅଧିନିୟମ 3 ବା ଭାରତୀୟ ଖ୍ରୀଷ୍ଟିଆନ ବିବାହ ଅଧିନିୟମ, 1872 ବା ପାର୍ସୀ ବିବାହ ଓ ବିବାହ ବିଚ୍ଛେଦ ଅଧିନିୟମ, 1865 ପ୍ରଯୁଜ୍ୟ ସେହି ଶ୍ରେଣୀର ଯେ କୌଣସି ବ୍ୟକ୍ତିଙ୍କର ବିବାହର ଅଭିଲେଖର ଅଭିରକ୍ଷାରେ ତତ୍କାଳେ ଥାଆନ୍ତି ଏବଂ ଯଦି ସେହି ରେଜିଷ୍ଟର ବା ଅଭିଲେଖ ଯେଉଁ ଦେଶରେ ରଖାଯାଇଥାଏ ସେହି ଦେଶର ବିଧି ଦ୍ୱାରା ବିଶେଷତଃ ଘୋଷିତ କୌଣସି କର୍ତ୍ତବ୍ୟର ସଂପାଦନ କ୍ରମରେ ନ ହୋଇ ସେହି ରେଜିଷ୍ଟର ବା ଅଭିଲେଖ ଅନ୍ୟଥା ପ୍ରସ୍ତୁତ ହୋଇଥାଏ, ତାହାହେଲେ 1891 ର ଅପ୍ରେଲ 1 ତାରିଖ ପୂର୍ବେ ଯେକୌଣସି ସମୟରେ ସେହି ରେଜିଷ୍ଟର ବା ଅଭିଲେଖକୁ ସେ ଯେଉଁ ରାଜ୍ୟକ୍ଷେତ୍ର ମଧ୍ୟରେ ଅବସ୍ଥାନ କରୁଥାନ୍ତି ତାହାର ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲଙ୍କ କାର୍ଯ୍ୟାଳୟକୁ ପଠାଇ ପାରିବେ ।

ରେଜିଷ୍ଟର ପରୀକ୍ଷା କରିବା ଲାଗି କମିସନରଙ୍କ ନିଯୁକ୍ତି ।

33. (1) ରେଜିଷ୍ଟ୍ରାର-ଜେନେରାଲଙ୍କ ପ୍ରଶାସନ ଅଧୀନ ରାଜ୍ୟକ୍ଷେତ୍ରଗୁଡ଼ିକ ଲାଗି ତାହାଙ୍କ ନିକଟକୁ ଧାରା 32 ଅଧୀନରେ ପଠାଯାଇଥିବା ରେଜିଷ୍ଟର ବା ଅଭିଲେଖାବଳୀ ସଂକ୍ରାନ୍ତରେ ଯେକୌଣସି ରାଜ୍ୟ ସରକାର ସେହି ରେଜିଷ୍ଟର ଓ ଅଭିଲେଖାବଳୀକୁ ପରୀକ୍ଷା କରିବା ଲାଗି ନିଜେ ଉଚିତ୍ ଭାବିବା ସଂଖ୍ୟକ ବ୍ୟକ୍ତିଙ୍କୁ କମିସନରଭାବେ ନିଯୁକ୍ତ କରି ପାରିବେ ।

(2) ଏଭଳି ନିଯୁକ୍ତ କମିସନରମାନେ ସେମାନଙ୍କୁ ନିଯୁକ୍ତ କରିବା ପ୍ରାଧୀକାରୀ ତାହାଙ୍କୁ ନିଯୁକ୍ତି ଆଦେଶ କିମ୍ବା କୌଣସି ପରବର୍ତ୍ତୀ ଆଦେଶ ଦ୍ୱାରା ଯେପରି ନିର୍ଦ୍ଦେଶ ଦେଇ ପାରନ୍ତି ସେତିକି କାଳାବଧିପାଇଁ ପଦ ଧାରଣ କରିବେ ।

କମିସନରଙ୍କ କର୍ତ୍ତବ୍ୟ ।

34. (1) ପୂର୍ବଗାମୀ ସର୍ବଶେଷ ଧାରା ଅଧୀନରେ ନିଯୁକ୍ତ କମିସନରମାନେ ଧାରା 32 ଅଧୀନରେ ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲଙ୍କ ଠାକୁ ଯେଉଁ ରେଜିଷ୍ଟର ବା ଅଭିଲେଖ ପଠାଯାଇପାରେ ସେହି ସମସ୍ତର ଅବସ୍ଥା, ଅଭିରକ୍ଷା ଓ ପ୍ରାମାଣିକତା ବିଷୟ ତଦନ୍ତ କରିବେ ;

ଏବଂ ସେମାନେ ଯେଉଁସବୁ ରେଜିଷ୍ଟର ବା ଅଭିଲେଖାବଳୀକୁ କିମ୍ବା ରେଜିଷ୍ଟର ବା ଅଭିଲେଖାବଳୀର ଅଂଶକୁ ଶୁଦ୍ଧ ଓ ମୂଳାନୁଗାମୀ ଦେଖନ୍ତି ତାହାର ଏକ ବର୍ଣ୍ଣନାତ୍ମକ ସୂଚୀ ବା ବର୍ଣ୍ଣନାତ୍ମକ ସୂଚୀମାନ ରେଜିଷ୍ଟ୍ରାର-ଜେନେରାଲଙ୍କୁ ଦେବେ ।

(2) ସେହି ସୂଚୀ ବା ସୂଚୀମାନଙ୍କରେ ବିହିତ ବିବରଣମାନ ରହିବ ଏବଂ ତହିଁରେ ବିହିତ ରୀତିରେ ରେଜିଷ୍ଟର ବା ଅଭିଲେଖାବଳୀ ବା ରେଜିଷ୍ଟର ବା ଅଭିଲେଖାବଳୀର ଅଂଶକୁ ଉଲ୍ଲେଖ କରାଯିବ ।

(3) କମିସନରମାନେ, ସେହି କମିସନରଙ୍କ ଦ୍ୱାରା ପ୍ରସ୍ତୁତ କୌଣସି ସୂଚୀ ବା ସୂଚୀମାନଙ୍କର ଯେଉଁ ରେଜିଷ୍ଟର ବା ଅଭିଲେଖାବଳୀ ବା ରେଜିଷ୍ଟର ବା ଅଭିଲେଖାବଳୀର ଅଂଶ ଉଲ୍ଲିଖିତ ହୋଇଥାଏ ତାହା ରହିଥିବା ପ୍ରତ୍ୟେକ ସ୍ୱତନ୍ତ୍ର ବହି ବା ଖଣ୍ଡର କୌଣସି ଅଂଶର ଲିଖିତାକାରରେ ପ୍ରମାଣିତ କରିବେ ଯେ ତାହା ଉକ୍ତ ସୂଚୀ ବା ସୂଚୀମାନର ଉଲ୍ଲିଖିତ ରେଜିଷ୍ଟର ବା ଅଭିଲେଖାବଳୀ ବା ରେଜିଷ୍ଟର ବା ଅଭିଲେଖାବଳୀର ଅନ୍ୟତମ ଅଂଶ ଅଟେ ।

କମିସନରଙ୍କ ଦ୍ୱାରା ପ୍ରସ୍ତୁତ ସୂଚୀମାନର ତଲସ ଏବଂ ଦରଜଗୁଡ଼ିକର ପ୍ରମାଣୀକୃତ ପ୍ରତିଲିପି ପ୍ରଦାନ ।

35. (1) ବିହିତ ଫିସ୍ ପ୍ରଦାନ ପ୍ରତି ସାପେକ୍ଷ ରହି, ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲଙ୍କୁ କମିସନରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରେଜିଷ୍ଟର ବା ଅଭିଲେଖାବଳୀ କିମ୍ବା ରେଜିଷ୍ଟାର ବା ଅଭିଲେଖାବଳୀର ଅଂଶର ବର୍ଣ୍ଣନାତ୍ମକ ସୂଚୀ ବା ସୂଚୀମାନ ସବୁ ଯୁକ୍ତିଯୁକ୍ତ ସମୟରେ ତାହାଙ୍କୁ ବା ସେଗୁଡ଼ିକୁ ନିରୀକ୍ଷଣ କରିବା ଲାଗି ଦରଖାସ୍ତ କରିବା ଯେକୌଣସି ବ୍ୟକ୍ତି କର୍ତ୍ତୃକ ନିରୀକ୍ଷିତ ହେବାକୁ ମୁକ୍ତ ରହିବ ଏବଂ ଏଥିଲାଗି ଦରଖାସ୍ତ କରିବା ସବୁ ବ୍ୟକ୍ତିଙ୍କୁ ସେହି ରେଜିଷ୍ଟର ବା ଅଭିଲେଖାବଳୀର ଦରଜଗୁଡ଼ିକର ପ୍ରତିଲିପି ଦିଆଯିବ ।

(2) ଏହି ଧାରା ଅଧୀନରେ ଦିଆଯିବା ଦରଜର ପ୍ରତିଲିପି ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟାର-ଜେନେରାଲଙ୍କ ଦ୍ୱାରା କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ଏତଦୁପଲକ୍ଷେ ପ୍ରାଧିକୃତ କୌଣସି ଅଧିକାରୀ ବା ବ୍ୟକ୍ତିଙ୍କ ଦ୍ୱାରା ପ୍ରମାଣୀକୃତ ହେବ ଏବଂ ଦରଜଟି ଯେଉଁ ଜନ୍ମ, ଜଳସଂସ୍କାର, ନାମକରଣ, ଉତ୍ସର୍ଗ, ମୃତ୍ୟୁ ସମାଧି ବା ବିବାହ ସଂପର୍କିତ ଅଟେ ତାହାକୁ ପ୍ରମାଣିତ କରିବା ଲାଗି ସାକ୍ଷ୍ୟରେ ଗ୍ରାହ୍ୟ ହେବ ।

ଏହି ଅଧ୍ୟାୟ ପ୍ରୟୋଜନରେ ଅତିରିକ୍ତ କମିସନମାନ ଗଠନ ।

35. କ (1) ରାଜ୍ୟ ସରକାର ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଧାରା 33 ର ପ୍ରୟୋଜନରେ ଏକାଧିକ କମିସନ ଗଠନ କରି ପାରିବେ ଯେଉଁ କମିସନଗୁଡ଼ିକରେ ପ୍ରତ୍ୟେକଟିରେ, ସେହି ଅଧିସୂଚନାରେ ଯେପରି ବିନିର୍ଦ୍ଦିଷ୍ଟ ହୋଇପାରେ ତେତିକି ସଂଖ୍ୟକ ତଥା ସେହିପରି ସଦସ୍ୟମାନ ରହିବେ ଏବଂ ତାହାର କୃତ୍ୟ ରେଜିଷ୍ଟ୍ରାର-ଜେନେରାଲଙ୍କ ନିକଟକୁ ଧାରା 32 ଅଧୀନରେ ପ୍ରେରିତ ସେହି ରେଜିଷ୍ଟର ଓ ଅଭିଲେଖାବଳୀର ଏହି ଅଧିନିୟମ ଓ ତଦଧୀନ ନିୟମାବଳୀ ଅଧୀନ ଫଏସଲା ମଧ୍ୟରେ ସୀମିତ ରହିବ ।

(2) ଯଦି ଉପଧାରା (1) ଦ୍ୱାରା ପ୍ରଦତ୍ତ କ୍ଷମତାର ପ୍ରୟୋଗ କ୍ରମେ ଏକାଧିକ କମିସନ ନିଯୁକ୍ତ ହୁଏ ତେବେ ଏହି ଅଧିନିୟମରେ କମିସନରଙ୍କ ଦେଇଥିବା ଉଲ୍ଲେଖମାନ ଏବଂ ନିଯୁକ୍ତ କମିସନ ଗଠନ କରୁଥିବା ସଦସ୍ୟମାନଙ୍କ ପ୍ରତି ଉଲ୍ଲେଖ ବୋଲି ଅର୍ଥ କରାଯିବ ।

## ଅଧ୍ୟାୟ VI

### ନିୟମାବଳୀ

ନିୟମାବଳୀ

36. (1) ରାଜ୍ୟ ସରକାର ପ୍ରତ୍ୟେକ ରାଜ୍ୟ ଲାଗି ଏହି ଅଧିନିୟମର ପ୍ରୟୋଜନଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ନିୟମାବଳୀ ପ୍ରଣୟନ କରି ପାରିବେ ।

(2) ସେହି ନିୟମାବଳୀ ବିଶେଷତଃ ଏବଂ ପୂର୍ବଗାମୀ କ୍ଷମତାର ବ୍ୟାପକତା ଉପରେ ଆଞ୍ଚ ନ ଆଣି–

(କ) ଏହି ଅଧିନିୟମ ଅଧୀନରେ ଦେୟ ଫିସ୍ ସ୍ଥିର କରି ପାରିବ;

(ଖ) ଏହି ଅଧିନିୟମ ପ୍ରୟୋଜନରେ ଆବଶ୍ୟକ ଫାର୍ମମାନ ବିହିତ କରି ପାରିବ;

(ଗ) ଜଣେ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାରଙ୍କୁ ଜନ୍ମ ବା ମୃତ୍ୟୁର ସୂଚନା ଦେବା ଲାଗି ଏହି ଅଧିନିୟମ ଅଧୀନରେ ପ୍ରାଧିକୃତ ବ୍ୟକ୍ତିମାନେ କେଉଁ ସମୟ ମଧ୍ୟରେ ତଥା କେଉଁ ଢଙ୍ଗରେ ସୂଚନା ଦେବାକୁ ପଡ଼ିବ ତାହା ବିହିତ କରି ପାରିବ;

(ଘ) ଯେଉଁ ସବୁ ସ୍ଥଳେ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାରଙ୍କ ସମକ୍ଷରେ ବ୍ୟକ୍ତିଗତ ଉପସ୍ଥିତିକୁ ଛାଡ଼ି ଦିଆଯାଇଥାଏ ସେହି ସ୍ଥଳେ ଜନ୍ମ ବା ମୃତ୍ୟୁର ସୂଚନା ଦେବା ବ୍ୟକ୍ତିଙ୍କ ଦ୍ୱାରା ସେହି ରେଜିଷ୍ଟ୍ରାରଙ୍କୁ ପ୍ରଦେୟ ଚିହ୍ନରେ ସାକ୍ଷ୍ୟ ବିହିତ କରିପାରିବ;

(ଙ) ରଖାଯିବା ରେଜିଷ୍ଟରମାନ ଏବଂ ଏହି ଅଧିନିୟମ ଅଧୀନରେ କେଉଁ ପ୍ରରୂପରେ ଓ ରୀତିରେ ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାର ଜନ୍ମ ଓ ମୃତ୍ୟୁକୁ ରେଜିଷ୍ଟ୍ରୀକରଣ କରିବେ ଏବଂ ସେମାନେ ରଖିବା ରେଜିଷ୍ଟରରେ ଥିବା ଜନ୍ମ, ମୃତ୍ୟୁ ଓ ବିବାହର ରେଜିଷ୍ଟ୍ରାର-ଜେନେରାଲଙ୍କ ନିକଟକୁ କେତେକ ସମୟ ବ୍ୟବଧାନରେ ସେମାନେ ପଠାଇବାକୁ ହେବ ତାହା ବିହିତ କରିପାରିବ;

(ଚ) ଜନ୍ମ ଓ ମୃତ୍ୟୁର ରେଜିଷ୍ଟ୍ରାରମାନେ ରଖିବା ରେଜିଷ୍ଟରର ଜନ୍ମ ଓ ମୃତ୍ୟୁର ଦରଜଗୁଡ଼ିକୁ ସେମାନେ କେଉଁ ସର୍ତ୍ତ ଓ ପରିସ୍ଥିତିରେ ସଂଶୋଧନ କରି ପାରିବେ ତାହା ବିହିତ କରି ପାରିବ,

(ଛ) ଅଧ୍ୟାୟ V ଅଧୀନରେ ନିଯୁକ୍ତ କମିସନରଙ୍କ ଦ୍ୱାରା ପ୍ରସ୍ତୁତ ହେବା ସୂଚୀ ବା ସୂଚୀଗୁଡ଼ିକରେ କେଉଁ ବିବରଣମାନ ରହିବ ଏବଂ ତାହା କେଉଁ ରୀତିରେ ରେଜିଷ୍ଟର ବା ଅଭିଲେଖାବଳୀକୁ କିମ୍ବା ରେଜିଷ୍ଟର ବା ଅଭିଲେଖର ଅଂଶକୁ ଉଲ୍ଲେଖ କରିବ ତାହା ବିହିତ କରି ପାରିବ; ଏବଂ

(ଜ) କାହା ଅଭିରକ୍ଷାରେ ସେହି ରେଜିଷ୍ଟର ବା ଅଭିଲେଖାବଳୀ ରହିବ ତାହା ବିହିତ କରିପାରିବ ।

(3) ଏହି ଅଧିନିୟମ ଦ୍ୱାରା ନିୟମ ପ୍ରଣୟନ କରିବା ଲାଗି ପ୍ରଦତ୍ତ ପ୍ରତ୍ୟେକ କ୍ଷମତା ଏହି ସର୍ତ୍ତ ସାପେକ୍ଷ ହେବ ଯେ ସେହି ନିୟମାବଳୀ ପୂର୍ବ ପ୍ରକାଶନ ପରେ ପ୍ରଣୀତ ହେବ ।

(4) ଏହି ଅଧିନିୟମ ଦ୍ୱାରା ପ୍ରଣୀତ ସବୁ ନିୟମାବଳୀ ସରକାରୀ ଗେଜେଟରେ ପ୍ରକାଶିତ ହେବ ଏବଂ ସେହି ପ୍ରକାଶନ ପରେ ଏହି ଅଧିନିୟମରେ ସନ୍ନିବେଶିତ ବା ଅଧିନିୟମିତ ହୋଇଥିବା ପରି ପ୍ରଭାବୀ ହେବ ।

37.

* * * *